ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୩ ଏପ୍ରିଲ, ୨୦୨୩

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ପୋଲସରା: ପୋଲସରା ଥାନା ବଣରଘୁନାଥପୁର ଗାଁରେ ବୁଧବାର ପୋଖରୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସରସ୍ୱତି ନାୟକ(୬୪)। ବୃଦ୍ଧା ଜଣଙ୍କ ସନ୍ଧ୍ୟାରେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତାରୁ ପାଣିରେ ବୁଡ଼ି ଯାଇଥିଲେ। ବହୁ ସମୟ ଧରି ବୃଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନଥିଲେ। ପରେ ପୋଖରୀରୁ ବୃଦ୍ଧାଙ୍କୁ ବାହାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ବିଷୁବ ମିଳନ ମହୋତ୍ସବ। ସ୍ଥାନ-ଉତ୍କଳ ଆଶ୍ରମ,ସମୟ-ସନ୍ଧ୍ୟା ସାଢ଼େ ୫ଟା।

## ସଂକ୍ଷେପରେ

### ରବି ନାରାୟଣଙ୍କୁ ଜିଲା ସଂସ୍କୃତି ଅଧିକାରୀ ଅତିରିକ୍ତ ଦାୟିତ୍ୱ

ଛତ୍ରପୁର,୧୨।୪(ଡି.ଏନ.ଏ.)-ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଜିଲା ସଂସ୍କୃତି ଅଧିକାରୀ ଭାବେ ବୁଧବାର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟର ସଂସ୍କୃତି ଅଧିକାରୀଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ଆସିଷ୍ଟାଣ୍ଟ କଲେକ୍ଟର ମଞ୍ଜୁଲତା ବେହେରାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସମସ୍ତ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ଜିଲାର ସମସ୍ତ ପାଠାଗାର, ସଂସ୍କୃତି ଭବନ, କଳା ଓ ସଂସ୍କୃତିକୁ ଅଧିକ ତ୍ୱରାନ୍ୱିତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ବେହେରା ମତବ୍ୟକ୍ତ କରିଛନ୍ତି।

### ଦାରିଙ୍ଗବାଡ଼ିରେ ବଢ଼ିଲା ଉତ୍ତାପ

ଦାରିଙ୍ଗବାଡି,୧୨।୪(ଡି.ଏନ.ଏ):ଓଡିଶାର କାଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲା ଦାରିଙ୍ଗବାଡି ଅଞ୍ଚଳରେ ଗତ ଦୁଇ ଦିନ ହେଲା ଅସହ୍ୟ ଗରମ ବୃଦ୍ଧି ପାଇଛି। ମଙ୍ଗଳବାର ସଂଧ୍ୟା ସୁଦ୍ଧା ସର୍ବାଧିକ ୩୪.୫ ଡିଗ୍ରୀ ତାପମାତ୍ରା ରହିଥିବା ବେଳେ ବୁଧବାର ସକାଳ ସୁଦ୍ଧା ସର୍ବନିମ୍ନ ୨୦.୫ ଡିଗ୍ରୀ ରହିଥିବା ଦାରିଙ୍ଗବାଡି ବିଡ଼ିଓ ଗଦାଧର ପାତ୍ର ସୂଚନା ଦେଇଛନ୍ତି। ଗରମ ବୃଦ୍ଧି ସାଙ୍ଗକୁ ଜଳ କଷ୍ଟ ବୃଦ୍ଧି ପାଉଥିବା ଜଣାପଡିଛି। ଗତ ୩ ଦିନ ହେଲା ଅଞ୍ଚଳରେ କାଳ ବୈଶାଖୀରେ ବର୍ଷା ହୋଇନଥିବା ବେଳେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଛି। ଜଳ ଅଭାବ ଯୋଗୁ ପନିପରିବା ଚାଷ ହୋଇପାରୁନଥିବା ଜଣା ପଡିଛି।

### ଭଞ୍ଜନଗରରେ ତାପମାତ୍ରା ୪୨ ଡିଗ୍ରୀ

ଭଞ୍ଜନଗର,୧୨।୪(ଡି.ଏନ.ଏ)-ଭଞ୍ଜନଗର ଅଞ୍ଚଳରେ ବୁଧବାର ମଧ୍ୟାହ୍ନରେ ତାପମାତ୍ରା ୪୨ ଡିଗ୍ରୀ ଥିଲା। ଚଳିତ ବର୍ଷର ଏହା ସର୍ବାଧିକ ତାପମାତ୍ରା। ହଠାତ୍ ତାପମାତ୍ରା ବୃଦ୍ଧି ଯୋଗୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

### ଜଳଛତ୍ର ଖୋଲିବାକୁ ଦାବି

ରମ୍ଭା,୧୨।୪-ରମ୍ଭା ସହରରେ କ୍ରମାଗତ ଭାବେ ତାତି ବଢ଼ିବାରେ ଲାଗିଛି। ହେଲେ ସ୍ଥାନୀୟ ଏନ୍ଏସି ପ୍ରଶାସନର ତତ୍ପରତା ଅଭାବରୁ ସହରରେ ବର୍ତ୍ତମାନ ସୁଦ୍ଧା ଜଳଛତ୍ର ଗୋଟିଏ ବି ଖୋଲା ଯାଇନାହିଁ। ଖରାର ପ୍ରକୋପ ଦିନକୁ ଦିନ ବଢୁଥିବାରୁ ତୁରନ୍ତ ଜଳଛତ୍ର ଖୋଲିବାକୁ ଦାବି ହେଉଛି।

### ଭାଜପାର କୃଷକ ସମାବେଶ

ଫୁଲବାଣୀ ଅଫିସ/ଟିକାବାଲି,୧୨।୪: ଟିକାବାଲି ବ୍ଲକଠାରେ ଭାରତୀୟ ଜନତା ପାର୍ଟିର କୃଷକ ସମାବେଶ ବେହେରା ଗାଁଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକୃତିକ କୃଷି ସମ୍ବନ୍ଧିତ ଜନଜାଗରଣ, ନଦୀ ସୁରକ୍ଷା, ଶ୍ରୀଅନ୍ନ ଯୋଜନା, ମିସନ ଜନ ଜାଗରଣ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି ଯୋଜନା ଉପରେ ଉପସ୍ଥିତ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଭାଜପା କାର୍ଯ୍ୟକର୍ତ୍ତା ସୀମାଞ୍ଚଳ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମାବେଶରେ ମଣ୍ଡଳ ସଭାପତି ଜିତେନ୍ଦ୍ର ଡାକୁଆ, ଜିଲା କୃଷକ ମୋର୍ଚ୍ଚା ଉପ ସଭାପତି ଜଗନାଥ ବେହେରା, ଦୁଷ୍ମନ୍ତ ପ୍ରଧାନ, ବସନ୍ତ ପ୍ରଧାନଙ୍କ ଉପସ୍ଥିତ ଥିଲେ।

# ନିମ୍ନମାନର ଦୁଡୁକି ବକ୍ସ କଲଭର୍ଟ କାମ

ଫୁଲବାଣୀ ଅଫିସ, ୧୨।୪

କନ୍ଧମାଳ ଜିଲା ଫୁଲବାଣୀ ଗ୍ରାମ୍ୟ ନିର୍ମାଣ ବିଭାଜନ(ଆରଡି) ବିଭାଗ ଅଧୀନରେ ଚାଲିଥିବା ଏକ ବକ୍ସ କଲ୍ଭର୍ଟ(ପୋଲ) କାମ ଅତ୍ୟନ୍ତ ନିମ୍ନମାନର ହେଉଛି। ଏହି କାର୍ଯ୍ୟରେ ରଡ଼, ମେଟାଲ, ଚିପ୍ସ, ସିମେଣ୍ଟ, ବାଲି ଆଦି ନିମ୍ନମାନର ବ୍ୟବହୃତ ହେଉଛି। କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ବିଷୟରେ ବିଭାଗୀୟ ଯନ୍ତ୍ରୀ, ଏସ୍ଡିଓଙ୍କୁ ପଚାରିଲେ ସେମାନେ ଠିକ୍ ତଥ୍ୟ ଦେଉନାହାନ୍ତି। ପାଖାପାଖି ୬୬ ଲକ୍ଷ ଟଙ୍କାରେ ନିର୍ମିତ ହେଉଥିବା ଏହି ବକ୍ସ କଲ୍ଭର୍ଟର ସ୍ଥାୟିତ୍ୱକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଠିକାଦାର, ଯନ୍ତ୍ରୀ ଏବଂ ଏସ୍ଡିଓଙ୍କ ଜାଣତରେ ଏହି ନିମ୍ନମାନର କାର୍ଯ୍ୟ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି।

ଫୁଲବାଣୀ ବ୍ଲକ କଟ୍ରିଙ୍ଗିଆ-କଷାକାଠି ରାସ୍ତା ମଧ୍ୟଭାଗରେ ଦୁଡୁକି ପଞ୍ଚାୟତ ରହିଛି। ପଞ୍ଚାୟତ କାର୍ଯ୍ୟାଳୟ ପାଖରେ ମୁଖ୍ୟ ରାସ୍ତାରେ ଏକ ବକ୍ସ କଲଭର୍ଟ ଆରଡି ବିଭାଗ ପକ୍ଷରୁ ଚାଲିଛି। ଏହି କାର୍ଯ୍ୟରେ ଲୋକାଲ ମେଟାଲ ବ୍ୟବହୃତ ହେଉଛି, ଯାହା ଅତି ନିମ୍ନମାନର। ସେହିପରି କଂକ୍ରିଟରେ ବ୍ୟବହୃତ ରଡ଼ ନାମୀ କମ୍ପାନୀର ନୁହେଁ। ବାଲି, ସିମେଣ୍ଟ



ନିର୍ମାଣାଧୀନ କଲଭର୍ଟ।

ବି ନିମ୍ନମାନର। କଂକ୍ରିଟ ପଡିବା ବେଳେ ଭାଇବ୍ରେଟର ବ୍ୟବହାର କରାଯିବା କଥା, କିନ୍ତୁ ଏଠାରେ ତାହା ହେଉନାହିଁ। ହାତରେ କଂକ୍ରିଟକୁ ଚପାଯାଉଛି। ଯେହେତୁ ଏହା ସମ୍ପୂର୍ଣ୍ଣ ଭାବେ କଂକ୍ରିଟ କାର୍ଯ୍ୟ, କାମ ବେଳେ ଠିକାଦାର ଏବଂ ଯନ୍ତ୍ରୀ ଉପସ୍ଥିତ ରହିବା କଥା। କିନ୍ତୁ କେହି ରହୁନାହାନ୍ତି। ମିସ୍ତ୍ରି ତା' ମନଇଚ୍ଛାରେ

**ତଥ୍ୟ ଦେଉନି ବିଭାଗ**

ଭାଗ ମାପ କରି କାମ କରୁଛି। ନିମ୍ନମାନର କଂକ୍ରିଟ ହେଉଥିବାରୁ ଏହି କଲଭର୍ଟର ସ୍ଥାୟିତ୍ୱକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ସେମାନେ କାମ ଠିକ୍ ଭାବେ କରିବାକୁ କହୁଥିଲେ ମଧ୍ୟ ନା ଠିକାଦାର ନା ବିଭାଗୀୟ ଅଧିକାରୀ କେହି ଶୁଣୁନାହାନ୍ତି।

ଯେଉଁ କାମ ହେଉଛି ତାହା ଠିକ୍ ହେଉନାହିଁ। ଏଠାରେ ଶଙ୍ଖ ଥିଲା। ଯାତାୟାତରେ ବହୁ ଅସୁବିଧା ହେଉଥିଲା। ବର୍ଷା ହେଲେ ଏହା ଉପରେ ଗାଡ଼ି ଯାଇ ପାରୁ ନ ଥିଲା। ଏବେ ସେଠାରେ ପୋଲ ହେଉଛି। ଲୋକାଲ ମେଟାଲ ସହ ପଟୁ ବାଲି ଆଣି କାମ କରୁଛନ୍ତି। କାମ ଆଦୌ ଭଲ ହେଉନାହିଁ ବୋଲି ଦୁଡୁକି ପଂଚାୟତ ବିଲାବାଡି ଜାରୁପଙ୍ଗାପଡା ସାହିର ବିଶ୍ୱମ୍ବର କହଁର କହିଛନ୍ତି। କାମ ଅତ୍ୟନ୍ତ ନିମ୍ନମାନର ହେଉଛି। ଯନ୍ତ୍ରୀ ଉପସ୍ଥିତ ରହୁନାହାନ୍ତି। ଲୋକାଲ ମେଟାଲରେ କି କାମ ହେବ ବୋଲି ସରପଞ୍ଚ ସୁରେନ୍ଦ୍ର କହଁର ପ୍ରକାଶ କରିଛନ୍ତି। ୩ ଥର ଟେଣ୍ଡର ବାହାରିଲା, କେହି ପକାଇଲେ ନାହିଁ। ଏଥର ଜଣେ କାମ ପାଇଛନ୍ତି। ମେନ କଂକ୍ରିଟ ୱାଲ କାମ କ୍ରଶର ମେଟାଲରେ ହେଉଛି। ମୁଁ ନିଜେ ଯାଇ କାମ ଦେଖୁଛି। କାମର ଷ୍ଟାଣ୍ଡାର୍ଡ ମେଂଟେନ କରାଯାଉଛି ବୋଲି ବିଭାଗୀୟ ଯନ୍ତ୍ରୀ ମହେନ୍ଦ୍ର ପ୍ରଧାନ କହିଛନ୍ତି। ସେହିପରି ଏସ୍ଡିଓ ସୁଶୀଲ କୁମାର ମହାନ୍ତି ମଧ୍ୟ ଅନୁରୂପ ମନ୍ତବ୍ୟ ଦେବା ସହ ସାଧାରଣ ଲୋକେ କଂକ୍ରିଟ ବିଷୟରେ କ'ଣ ଜାଣିଛନ୍ତି ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ଗତ ମଙ୍ଗଳବାର ଜିଲା ପରିଷଦ ବୈଠକରେ ବିଭିନ୍ନ ବିଭାଗରେ କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ଅଭିଯୋଗ ହୋଇଥିଲା। ବିଧାୟକମାନେ କାମ ଭଲରେ କରିବାକୁ ଏବଂ ଯନ୍ତ୍ରୀ କାର୍ଯ୍ୟସ୍ଥଳରେ ଉପସ୍ଥିତ ରହିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ଏହା ନ ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶୁଣାଇଥିଲେ।

## ଠେଙ୍ଗାରେ ପିଟି ବାପାଙ୍କୁ ହତ୍ୟା

ଶେରଗଡ,୧୨।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ଶେରଗଡ ବ୍ଲକ କାଚ ଖଣ୍ଡି ଗ୍ରାମରେ ପାରିବାରିକ କଳହରୁ ବାପାଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଥିବା ବୁଧବାର ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଅଶ୍ୱୀନି ସେଠୀଙ୍କୁ ଗିରଫ କରିଛି। ମଙ୍ଗଳବାର ରାତିରେ ପ୍ରକାଶ ସେଠୀ(୬୩)ଙ୍କ ସହ ତାଙ୍କ ପୁଅର ଅଶ୍ୱୀନିଙ୍କ କୌଣସି କଥାକୁ ନେଇ ଯୁକ୍ତି ତର୍କ ହୋଇଥିଲା। ଏଥିରେ ଅଶ୍ୱୀନି ରାଗିଯାଇ ପ୍ରକାଶଙ୍କୁ ଠେଙ୍ଗାରେ ପିଟିଥିଲେ। ଫଳରେ ଗୁରୁତର ଅବସ୍ଥାରେ କିଛି ସମୟ ଘରେ ରହିବା ପରେ ପ୍ରକାଶଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଶେରଗଡ଼ ପୋଲିସ ନଂ. ୧୯୧/୨୩ରେ ମାମଲା ରୁଜୁ କରି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ପୂର୍ବତନ ପ୍ରାଧ୍ୟାପକଙ୍କ ପରଲୋକ

ଭଞ୍ଜନଗର, ୧୨।୪(ଡି.ଏନ୍.ଏ.)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଇତିହାସ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ସୁକାନ୍ତ କୁମାର ମିଶ୍ର (୬୨) ବୁଧବାର ପରଲୋକ ଗମନ କରିଛନ୍ତି। ସ୍ଥାନୀୟ ଭଞ୍ଜ ସାହିତ୍ୟ ସମ୍ମୁଖ ଗଳିରେ ସେ ରହୁଥିଲେ। ମଧ୍ୟାହ୍ନରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ହସ୍ପିଟାଲକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ମେଡିକାଲ ଆକାଉଣ୍ଟାଣ୍ଟଙ୍କ ନାଁରେ ଅର୍ଥ ହେରଫେର ଅଭିଯୋଗ

ପାରଳାଖେମୁଣ୍ଡି,୧୨।୪(ଡି.ଏନ୍.ଏ.)

ମୋହନା ବ୍ଲକ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଆକାଉଣ୍ଟାଣ୍ଟ ଅର୍ଥ ହେରଫେର କରିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଗଜପତି ସିଡିଏମ୍ଓ ଡା. ପ୍ରଦୀପ କୁମାର ପାତ୍ରଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ମେଡିକାଲରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି। ଗତ ୫ ତାରିଖରେ ଚନ୍ଦ୍ରଗିରି ସରପଞ୍ଚ ରଜନୀକାନ୍ତ ପ୍ରଧାନ, ଯୁବ ସରପଞ୍ଚ ଯିଖରିୟ ରଇତ, ସ୍ଥାନୀୟ ବୁଦ୍ଧିଜୀବୀ ଶିବରାମ ମହାଙ୍କୁଡଙ୍କ ନେତୃତ୍ୱରେ ଅଞ୍ଚଳର ୧୩ଟି ପଞ୍ଚାୟତର ଜନପ୍ରତିନିଧି ଚନ୍ଦ୍ରଗିରି ମେଡିକାଲର ବିଭିନ୍ନ କାର୍ଯ୍ୟ ଉପରେ ଅନୁଧ୍ୟାନ କରିଥିଲେ। ଏହି ସମୟରେ ମେଡିକାଲର ଉନ୍ନତୀକରଣ ପାଇଁ ଆସୁଥିବା ସରକାରୀ ଅନୁଦାନ ଉପରେ ମଧ୍ୟ ଅନୁଧ୍ୟାନ କରିଥିଲେ। ଅନୁଧ୍ୟାନ ପରେ ମେଡିକାଲର ଆକାଉଣ୍ଟାଣ୍ଟ ବ୍ୟାପକ ଅର୍ଥ ହେରଫେର କରିଥିବା ସେମାନଙ୍କ ନଜରକୁ ଆସିଥିଲା। ରୋଗୀକଲ୍ୟାଣ ସମିତି ଅନୁଦାନ ଅର୍ଥ, କାୟାକଳ୍ପ ଅନୁଦାନ ଅର୍ଥ ସମେତ ବିଭିନ୍ନ




ସିଡିଏମଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଅର୍ଥର ବିନିଯୋଗ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ସେହିଦିନ ସିଡିଏମ୍ଓଙ୍କୁ ଅଭିଯୋଗ କରିଥିଲେ ଜନପ୍ରତିନିଧି। ୭ ଦିନ ମଧ୍ୟରେ ଏହାର ତଦନ୍ତ କରାଯିବ ବୋଲି ସିଡିଏମ୍ଓ ପ୍ରତିଶ୍ରୁତି ଦେଇଥିଲେ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଡିଏମ୍ଓ ପିକେ ପାତ୍ର କହିଛନ୍ତି। ତଦନ୍ତ ସମୟରେ ଜନପ୍ରତିନିଧି ଓ ସ୍ଥାନୀୟ ଲୋକେ ମେଡିକାଲରେ ପହଞ୍ଚି ଘେରାଉ କରିବା ସହ ତୁରନ୍ତ ଆକାଉଣ୍ଟାଣ୍ଟଙ୍କୁ ବଦଳି ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ଆକାଉଣ୍ଟାଣ୍ଟଙ୍କୁ ପଚାରିବାକୁ ଯୋଗାଯୋଗ କରିବାରୁ ଯୋଗାଯୋଗ ହୋଇପାରିନାହିଁ। ଚନ୍ଦ୍ରଗିରି ମେଡିକାଲର ବିଭିନ୍ନ ଦୁର୍ନୀତି ସମ୍ପର୍କରେ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନି ବୋଲି ଜନପ୍ରତିନିଧି ପ୍ରଶ୍ନ କରିଥିଲେ।

# ସ୍ୱାସ୍ଥ୍ୟ ସଚେତନତା ଶିବିର

ଗଞ୍ଜାମ,୧୨।୪(ଡି.ଏନ.ଏ.)

ଗଞ୍ଜାମ ସହରସ୍ଥିତ ଯଶୋଦା ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ଦକ୍ଷିଣ ଫାଉଣ୍ଡେସନ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ସ୍ୱାସ୍ଥ୍ୟ ସଚେତନତା ଶିବିର ଉଦ୍ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ସ୍ୱାସ୍ଥ୍ୟ ଅଭିଯାନ ଆବାହକ ଗୌରାଙ୍ଗ ଚରଣ ମହାପାତ୍ର ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଉପସ୍ଥିତ ରହିଥିବା ପିୟୁଷ ଅନୁଷ୍ଠାନ ଓ ୨୭ ବିଭିନ୍ନ ଗ୍ରାମର ସ୍ୱେଚ୍ଛାସେବୀ ମାନଙ୍କୁ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଯୋଜନା ରହିଥିଲେ ମଧ୍ୟ ଗ୍ରାମାଞ୍ଚଳରେ ସେ ସମ୍ପର୍କରେ ଜନ ସାଧାରଣ ଅବଗତ ନଥିବାରୁ ତାର ଲାଭ ଉଠାଇପାରିନଥାନ୍ତି। ଉକ୍ତ ଯୋଜନା ଗୁଡିକର ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରିବା ଉକ୍ତ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନ କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ। ଶିକ୍ଷାନୁଷ୍ଠାନର ସମ୍ପାଦକ ମଙ୍ଗରାଜ ପଣ୍ଡା ଉକ୍ତ ଶିବିରର ସଂଯୋଜନା କରିଥିବା ବେଳେ କଣ୍ଟିଆଗଡ଼ ସବ ସେଣ୍ଟର କମ୍ୟୁନିଟି ଅଫିସର ସସ୍ମିତା ଜେନା ଯୋଗଦେଇ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ହେଲ୍ଥ ପ୍ରୋଗ୍ରାମ ସିନିୟର ପ୍ରୋଗ୍ରାମ ଆସୋସିଏଟ କେ. ଭାବନା ରାଓ, ସିନିୟର ପ୍ରୋଗ୍ରାମ ଆସୋସିଏଟ ବିଶ୍ୱ ସ୍ୱରୂପ ଦାଶ, ଅଭିଜିତ ଦତ୍ତା ସାଇଡ କୋଡିନେଟର ପ୍ରମୁଖ ଶିବିର ସୁପରିଚାଳନା କରିଥିଲେ।

# ମଦନ ମୋହନ ଛକରୁ ବଡ଼ଶଙ୍ଖ ଯାଏ ହେବ ଡିଭାଇଡ଼ର

ବୁଗୁଡ଼ା,୧୨।୪(ଡି.ଏନ.ଏ.)

ବାଲିପଦରଠାରୁ ବୁଗୁଡା ଦେଇ କରସିଙ୍ଗି ପର୍ଯ୍ୟନ୍ତ ଦୀର୍ଘ ୩୫ କିଲୋମିଟର ରାସ୍ତାର ନବୀକରଣ ପାଇଁ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ତେବେ ମଙ୍ଗଳବାର ସ୍ଥାନୀୟ ମଦନମୋହନ ଛକଠାରେ ରାଜ୍ୟ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଏହି ଶିଳାର ଲୋକାର୍ପଣ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କେ ନୀଳ ମାଧବ ଆଚରୀ, ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ମିଶ୍ର, ସହକାରୀ ଯନ୍ତ୍ରୀ ରମେଶ କୁମାର ଚୌଧୁରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ୩୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ପୂର୍ବରୁ ଏହି ରାସ୍ତା ୭ ମିଟର ଓସାର ଥିବା ବେଳେ ବର୍ତ୍ତମାନ ଏହା ୧୦ ମିଟର ହେବ ବୋଲି ଯନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ବୁଗୁଡା ଏନ୍ଏସିର ମଦନମୋହନ ଛକଠାରୁ ବଡଶଙ୍ଖ ପର୍ଯ୍ୟନ୍ତ ଡିଭାଇଡର୍ ନିର୍ମାଣ ହେବ ବୋଲି ଜଣାପଡ଼ିଛି। ରାସ୍ତାରେ ଥିବା ବିଦ୍ୟୁତ୍ ଖୁଣ୍ଟ, ଟ୍ରାନ୍ସଫର୍ମର ଏବଂ ଗଛ ଆଦି ହଟାଇବା ପାଇଁ ଅତିରିକ୍ତ ଅର୍ଥ ବ୍ୟବସ୍ଥା ହୋଇଥିବା ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ମିଳିଛି। ଡିଭାଇଡର୍ ବ୍ୟବସ୍ଥା ହେବା ଫଳରେ ରାସ୍ତାରେ ଟ୍ରାଫିକ ସମସ୍ୟା ସମାଧାନ ହୋଇପାରିବ ବୋଲି ମତ ପ୍ରକାଶ ପାଉଛି।

# ରାଙ୍କୁଡ଼ାରେ ନାବାର୍ଡ ଜଳବିଭାଜିକା ପ୍ରକଳ୍ପ ଉଦ୍‌ଘାଟିତ

ଆର.ଉଦୟଗିରି,୧୨।୪(ଡି.ଏନ.ଏ.)

ମୋହନା ବ୍ଲକ ଅଧୀନ ରାଙ୍କୁଡ଼ା ଗ୍ରାମରେ ରାମନଦୀ ଓ ରଙ୍ଗମାଟି ଜଳ ବିଭାଜିକା ପ୍ରକଳ୍ପର ଉଦ୍‌ଘାଟନ ନାବାର୍ଡ ଜିଲା ବିକାଶ ଅଧିକାରୀ ପ୍ରତୀକ ପଣ୍ଡାଙ୍କ ଦ୍ୱାରା ହୋଇଯାଇଛି। ଏହି ଅବସରରେ ନାବାର୍ଡ ଜିଲା ବିକାଶ ଅଧିକାରୀ ଜଳବିଭାଜିକା ପ୍ରକଳ୍ପର ଲକ୍ଷ୍ୟ ଉଦ୍ଦେଶ୍ୟରେ ବକ୍ତବ୍ୟ ଦେଇଥିଲେ। ସୁରକ୍ଷା ସଙ୍ଗଠନର ଜଳବିଭାଜିକା ପରିଚାଳକ ପ୍ରେମାନନ୍ଦ ବେହେରା ବର୍ତ୍ତମାନ ଜଳ, ଜମି, ଜଙ୍ଗଲର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଜଳବିଭାଜିକା ପ୍ରକଳ୍ପରେ ରଙ୍ଗାମାଟିର ୫୪୯ ହେକ୍ଟର ଓ ରାମନଦୀର ୫୮୯ ହେକ୍ଟର ଜମିରେ ବିଭିନ୍ନ ଜଳ ସଂରକ୍ଷଣ ଓ ଜଳ ଅମଳ ପ୍ରକଳ୍ପ କାର୍ଯ୍ୟକ୍ରମ କରାଯିବା ସହ ଜୀବନ ଜୀବିକାର ଉନ୍ନତି ପାଇଁ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ରାଙ୍କୁଡ଼ା, ବୁରୁପଡା, ଖସଡ଼ା, କମଳାପୁର, ଡରାବ, କୁମୁଳସିଂ ଆଦି ଗ୍ରାମର ପ୍ରାୟ ୧୫୦ରୁ ଅଧିକ ଲୋକ ଯୋଗଦେଇଥିଲେ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ସୁରକ୍ଷା ସଙ୍ଗଠନର କର୍ମୀ ଗୌର ହରି ପଣ୍ଡା, ସୋନାଲି ସିଂ ଆୟୋଜନ ଓ ଜଳ ବିଭାଜିକା କମିଟିର ମେମ୍ବର ତଥା ଗ୍ରାମବାସୀ ସହଯୋଗ କରିଥିଲେ।

## ଶିଶୁକୁ ଛାଡ଼ି ମହିଳା ଫେରାର ଅଭିଯୋଗ

ବୁଗୁଡ଼ା,୧୨।୪(ଡି.ଏନ.ଏ.)

ବୁଗୁଡ଼ା ଥାନା ବେତାରସିଂ ଗ୍ରାମରେ ଘରେ ଶିଶୁ କନ୍ୟାକୁ ଛାଡି ମା' କେଉଁଆଡ଼େ ଚାଲିଯାଇଥିବା ବୁଧବାର ଅଭିଯୋଗ ହୋଇଛି। ଗ୍ରାମର କୃଷ୍ଣ ନାଇକ ଭୋରରେ ନିଜ ୩ ବର୍ଷର ଝିଅକୁ ଧରି ଦଣ୍ଡନାଚ ଦେଖିବାକୁ ଯାଇଥିଲେ। ଫେରିଲା ବେଳକୁ ଘରେ ସ୍ତ୍ରୀ ନ ଥିବା ଜଣା ପଡିଥିଲା। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହେବା ପରେ କୃଷ୍ଣ ବୁଗୁଡ଼ା ଥାନାରେ ସ୍ତ୍ରୀ ନିଖୋଜ ହୋଇଥିବା ନେଇ ଏତଲା ଦେଇଛନ୍ତି।

# ଖରାଦିନରେ ପ୍ରଥମ ପସନ୍ଦ ବରିଡ଼ା ଶାଗ



ବରିଡ଼ା ଶାଗ ବିକ୍ରି କରାଯାଉଛି।

ରାଇକିଆ,୧୨।୪(ଡି.ଏନ.ଏ.)

ବରିଡ଼ା ଶାଗର ସ୍ୱାଦ ନିଆରା। ଏହାର ଚାହିଦା କନ୍ଧମାଳ ଜିଲାରେ ଅଧିକ ରହିଛି। ଜିଲାର ସବୁ ଅଞ୍ଚଳରେ ଏହା ଦେଖିବାକୁ ମିଳେ। ଖରା ଦିନେ ସବୁ ପନିପରିବାକୁ ପଛରେ ପକାଇ ଏହାକୁ ହିଁ ଅଧିକା ପସନ୍ଦ କରିଥାନ୍ତି ସ୍ଥାନୀୟ ବାସିନ୍ଦା। ଏପ୍ରିଲ ଓ ମେ' ମାସରେ ବହୁଳ ଭାବେ ଏହାକୁ ଜଙ୍ଗଲରୁ ସଂଗ୍ରହ କରିଥାନ୍ତି ସ୍ଥାନୀୟ ଲୋକେ। ଖରାଦିନେ ଯେଉଁ ବର୍ଷା ହୋଇଥାଏ ସେଥିରେ ବରିଡ଼ା ଗଛରେ କଅଁଳିଆ ପତ୍ର ହୋଇଥାଏ। ତାକୁ ସଂଗ୍ରହ କରି ବଜାରରେ ବିକ୍ରି କରାଯାଇଥାଏ। ଏହାର ସ୍ୱତନ୍ତ୍ର ସ୍ୱାଦ ପାଇଁ ବେଶ୍ ଚାହିଦା ରହିଥିବାରୁ ଲୋକେ କିଣିବାକୁ ଅପେକ୍ଷା କରି ଥାଆନ୍ତି। ସନ୍ଧ୍ୟାରେ ଜଙ୍ଗଲରୁ ସଂଗ୍ରହ କରାଯିବା ପରେ ସକାଳୁ ବିକ୍ରି ପାଇଁ ଆସୁଥିବା ଏହି ଶାଗ ଆଖି ପିଛୁଳାକେ ବିକ୍ରି ହୋଇଯାଏ। ଏହା ସ୍ଥାନୀୟ ଲୋକଙ୍କୁ ସାମୟିକ ରୋଜଗାର ମଧ୍ୟ ଯୋଗାଇଥାଏ। ପ୍ରତ୍ୟେକ ଦିନ ଲୋକେ ପରିବା କିଣିବା ସହ ଏହି ଶାଗ କିଣିଥାନ୍ତି। ପ୍ରତିମା ନାୟକ କୁହନ୍ତି, ଏହି ସମୟରେ ସେ ଶାଗ ବିକ୍ରି କରି ୧୦୦ ରୁ ୧୫୦ ଟଙ୍କା ଦିନକୁ ରୋଜଗାର କରୁଛନ୍ତି। ଏହାଦ୍ୱାରା ତାଙ୍କର ହାତ ଖର୍ଚ୍ଚ ମଧ୍ୟ ବାହାରୁଛି। ଅନ୍ୟ ଜଣେ ମହିଳା ସୁରମା ପ୍ରଧାନ କୁହନ୍ତି, ଆମେ ନିଜେ ଖାଇବା ପାଇଁ ସଂଗ୍ରହ କରିବା ସହ ବଜାରରେ ମଧ୍ୟ ବିକ୍ରି କରୁଛୁ। ଏହା ଦ୍ୱାରା ଦୁଇ ପଇସା ରୋଜଗାର ମଧ୍ୟ ହେଉଛି। ଅନ୍ୟପକ୍ଷରେ ଶସ୍ତାରେ ମିଳୁଥିବାରୁ ଲୋକେ ମଧ୍ୟ କ୍ରୟ କରୁଛନ୍ତି। ଶାଗ କିଣିବାକୁ ଆସିଥିବା ସମୀର ନାୟକ କୁହନ୍ତି ଆମେ ଏହି ବରିଡା ଶାଗ ପାଇଁ ବର୍ଷ ତମାମ ଖରାଦିନକୁ ଅପେକ୍ଷା କରିଥାଉ।

# ସୂର୍ଯ୍ୟମୁଖୀ ଚାଷ ପ୍ରତି ବଢୁଛି ଆଗ୍ରହ

ଧରାକୋଟ,୧୨।୪(ଡି.ଏନ୍.ଏ.)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରୋତ୍ସାହନ ସହ ଗୋଷ୍ଠୀ କୃଷି କାର୍ଯ୍ୟାଳୟର ସଚେତନତା ଯୋଗୁ ଧୀରେ ଧୀରେ ବ୍ଲକର ବିଭିନ୍ନ ପଞ୍ଚାୟତର କୃଷକମାନେ ସୂର୍ଯ୍ୟମୁଖୀ ଚାଷ ପାଇଁ ଆଗ୍ରହୀ ହୋଇ ଏହି ଚାଷକୁ ଆପଣେଇ ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏହି ତୈଳବୀଜ ଫସଲ ପାଇଁ ଓଳମ୍ବା, ସିଙ୍ଗିପୁର, ଜାହାଡା ଓ ଝରପାରି ପଞ୍ଚାୟତର କସେଇ, କେଶପୁର ଶାସନ, କଣଭାଗ ଓ ପାଟପୁର ଗ୍ରାମର ୬୬ ଜଣ ହିତାଧିକାରୀ ୩୦ ହେକ୍ଟର ଜମିରେ ସୂର୍ଯ୍ୟମୁଖୀ ଚାଷ କରିଛନ୍ତି। ଗୋଷ୍ଠୀ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ସହକାରୀ କୃଷି ଅଧିକାରୀ ଅନିଲ କୁମାର ବେହେରା ଓ ସ୍କିମ ଅଧିକାରୀ ସୀତାନସୁ କୁମାର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚାଷ ବ୍ଲକ ସ୍ତରରେ ପ୍ରଥମେ ଆରମ୍ଭ ହୋଇଛି। କୃଷି ବିଭାଗ ତରଫରୁ ଚାଷୀଙ୍କୁ ମାଗଣା ବିହନ ସହ ୨୫୦୦ ଟଙ୍କା ଲେଖାଏ ପ୍ରୋତ୍ସାହନ ଅର୍ଥ ରାଶି ପ୍ରଦାନ



ସୂର୍ଯ୍ୟମୁଖୀ ଚାଷ ଦେଖୁଛନ୍ତି।

କରାଯାଇଥିଲା। ଏହାଦ୍ୱାରା ଚାଷୀମାନେ ଏସ୍ଏସ୍ପି, ଅନୁସାର ଓ କୀଟନାଶକ ଔଷଧ କ୍ରୟକରିପାରିବେ। ଏହା ଦାରା ଅପମିଶ୍ରଣ ରୋକିବା ସହ ଶୁଦ୍ଧ ତେଲ ମିଳିପାରୁଛି। କୋଲେଷ୍ଟେରଲ, ରକ୍ତଚାପ ସହ ବିଭିନ୍ନ ରୋଗ ନିୟନ୍ତ୍ରଣ ପାଇଁ ଏହି ତେଲ ବେଶ୍ ସହାୟକ ହେଉଛି। ଏଥିରୁ ମିଳୁଥିବା ପିଡ଼ିଆ ଚାଷଜମି, ମାଛ ଚାଷ ଓ କୁକୁଡ଼ା ଖାଦ୍ୟ ପାଇଁ ବ୍ୟବହାର ହେଉଛି। ସର୍ବୋପରି ତୈଳ ଆମଦାନୀ ବୋଝରୁ ଏକ ରକମ ମୁକ୍ତି ମିଳୁଛି। ଏଣୁ ଏହି ଚାଷ ପାଇଁ ଧୀରେ ଧୀରେ ଚାଷୀଙ୍କ ମଧ୍ୟରେ ଆଗ୍ରହ ବଢୁଛି।

